# କୃଷି ମୌସମ ସେବା
# ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
# ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର,କେନ୍ଦୁଝର

**ସପ୍ତାହ -15    ତାରିଖ-09.04.2024**

| | Date | Rainfall (mm) | T-MAX (C) | T-MIN (C) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| Keonjhar | 10-04-2024 | 0 | 34 | 22 | 5 | 50 | 15 | 10 | 169 |
| | 11-04-2024 | 0 | 36 | 23 | 4 | 50 | 26 | 7 | 165 |
| | 12-04-2024 | 0 | 37 | 24 | 3 | 62 | 34 | 7 | 234 |
| | 13-04-2024 | 0 | 37 | 25 | 2 | 60 | 23 | 7 | 171 |
| | 14-04-2024 | 0 | 37 | 25 | 2 | 52 | 20 | 7 | 199 |

**ପାଣିପାଗ ସାରାଂଶ/ ସତର୍କ:**

IMD ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ପାଞ୍ଚ ଦିନ ମଧ୍ୟରେ **କେନ୍ଦୁଝର ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ନାହିଁ।** ଏହି ସମୟରେ ପାଗ ଶୁଖିଲା ରୁ ମେଘୁଆ ରହିବାର ଆକଳନ କରା ଯାଇଅଛି। ପବନ ର ବେଗ 7-10 କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା 34-37 ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା 22-25 ଡିଗ୍ରୀ ରହିବାର ସମ୍ଭାବନା ରହିଛି।

**ସତର୍କ:**

- କେନ୍ଦୁଝର ଜିଲ୍ଲା କୁ କୌଣସି ସତର୍କ ସୂଚନା ଦିଆ ଯାଇ ନାହିଂ।

**ସାଧାରଣ ପରାମର୍ଶ:**

- ପରିପକ୍ଵ ହୋଇଯାଇଥିବା ପନିପରିବା ଅମଳ କରିନିଅନ୍ତୁ।
- ଗଛ ମୂଳରେ ଡ୍ରିପ ଇରିଗେଶନ କିମ୍ବା ବୁନ୍ଦା ଜଳ ସେଚନ କରିବା ଉଚିତ।
- ପୋକ ରୁ ରକ୍ଷା ପାଇଁ Celphos ଟାବ୍ଲେଟ ବ୍ୟବହାର କରନ୍ତୁ।
- କ୍ଷେତ ରେ ରୋଗ ପୋକ ର ନିରୀକ୍ଷଣ ନିୟମିତ ସମୟରେ କରନ୍ତୁ।

**ସଂକ୍ଷିପ୍ତ ଉପଦେଶ:**

- ଜିଆ ଖତ ଅଧିକା ମାତ୍ରା ରେ ବ୍ୟବହାର କରନ୍ତୁ।

**ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ:**

| **ଶସ୍ୟ** | **ଶସ୍ୟ ର ଅବସ୍ଥା/ ସ୍ଥିତି** | **ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ** |
|---|---|---|
| **ବୁଟ** | ଫୁଲ ଏବଂ ଫଳ | • ପରିପକ୍ୱ ବୁଟ କୁ ଅମଳ କରି ନିଅନ୍ତୁ।<br>• ଗଛ ରେ ରୋଗ ପୋକ ଲାଗିବାର ସମ୍ଭାବନା ଅଧିକା ଅଛି, ତେଣୁ ପ୍ରତିଦିନ ନିରୀକ୍ଷଣ କରନ୍ତୁ।<br>• ବୁଟ ରେ ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨.୫ ଲିଟର ନିମ୍ବ ତେଲ କିମ୍ବା ୧ ଲିଟର ପାଣିରେ ୨ ମି. ଲି Triazophos ପ୍ରୟୋଗ କରନ୍ତୁ । |
| **ପେଶୀ** | ଅମଳ ଅବସ୍ଥା | • ପେଶୀ କିମ୍ବା ଟିସି କୁ ଅମଳ କରି ନିଅନ୍ତୁ।<br>• ମଞ୍ଜି କୁ ସଫା ସ୍ଥାନ ରେ ବାହାର କରନ୍ତୁ।<br>• ଅମଳ ଟିସି କୁ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ। |
| **ସୂର୍ଯ୍ୟାମୁଖୀ** | ଫୁଲ ଅବସ୍ଥା | • ନିୟମିତ ସମୟରେ ରେ ଗଛ ରେ ଜଳ ସେଚନ କରନ୍ତୁ।<br>• ପତ୍ର ଦାଗ ର ନିୟନ୍ତ୍ରଣ ପାଇଁ Mancozeb @ 3 g ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ପନିପରିବା:** | | |
| **କାକୁଡି** | | • ମଞ୍ଜି ବୁଣିବା ପର ସ୍ଥିତି ରେ ଜଳ ସେଚନ କରନ୍ତୁ।<br>• ଜିଆ ଖତ ବ୍ୟବହାର କରନ୍ତୁ।<br>• ଦାଉନି ମିଳଡିଉ ର ନିୟନ୍ତ୍ରଣ ପାଇଁ Mancozeb @ 2 ଗ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |

| | | |
|---|---|---|
| ଲଙ୍କା | ଫୁଲ ଏବଂ ଫଳ | • ପତ୍ରମୋଡା ରୋଗର ନିୟନ୍ତ୍ରଣ ପାଇଁ Imidachloprid 17.8% SL@ 3 ml/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ଗଛ ଝାଉଂଳା ଦେଖା ଦେଲେ ଜଳ ସେଚନ ର ବ୍ୟବସ୍ଥା କରନ୍ତୁ।<br>• |
| ଟମାଟ | ଫୁଲ ଏବଂ ଫଳ | • ବାଡି ର ବ୍ୟବହାର କରିକି ଗଛ କୁ ଟେକିକି ରଖନ୍ତୁ, ଯେପରିକି ଟମାଟ ଫଳ ମାଟିର ସଂସ୍ପର୍ଶରେ ନ ଆସେ।<br>• ଟମାଟ ନାଲି ପଡିଆସୁଥିଲେ ତାକୁ ତୋଳି ଦିଅନ୍ତୁ।<br>• ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Flubendiamide@ 5 g/10ltପାଣିରେ ମିଶାଇ ସିଂଚନ କରନ୍ତୁ। |
| ବାଇଗଣ | ଫୁଲ ଏବଂ ଫଳ | • ପାକଳ ହୋଇଯାଇଥିବା ବାଇଗଣକୁ ତୋଳି ସୁରକ୍ଷିତ ସ୍ଥାନରେ ରଖନ୍ତୁ।<br>• କାଣ୍ଡ ଓ ଫଳ ବିନ୍ଧା ପୋକ କୁ ନିୟନ୍ତ୍ରଣ କରିବା ପାଇଁ Emamectin benzoate@ 4 g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ଫଳ:** | | |
| ଆମ୍ବ | ଫୁଲ/ବଉଳ | • ଆମ୍ବ ରେ ଦହିୟା ପୋକ ର ନିୟନ୍ତ୍ରଣ ପାଇଁ Thiomethoxam @ 0.5 g ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ଆମ୍ବ ରେ ଫୁଲ ଝଡିବା କୁ ରୋକିବା ପାଇଁ **Planofix @** 0.4 ml ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| କଦଳୀ | | • ଗଛ ମୂଳରୁ ୩୦ ସେ. ମି ଦୂରରେ ଶଢା ଗୋବର ଖତ ପ୍ରୟୋଗ କରନ୍ତୁ ।<br>• କଦଳୀରେ ଜଉ ପୋକର ର ଦମନ ପାଇଁ **Imidachloprid @** 2 ml/lt ବ୍ୟବହାର କରନ୍ତୁ। |


**ଯୋଗାଯୋଗ:**

**ନାମ: ଶୁଭକାନ୍ତ ସାମନ୍ତରାୟ**

**Email:** subhakantaofficial95@gmail.com

ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଳିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**